# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 21 May - 2026

**************************************

## ମୁଖ୍ୟ ସମ୍ବାଦ

- ଚଳିତ ବର୍ଷ ନୂତନ ଭାବେ ଭୁବନେଶ୍ୱରଠାରେ ସିଭିଲ୍ ସର୍ଭିସେସ୍ ପ୍ରିଲିମ୍‌ନାରୀ ପରୀକ୍ଷା କେନ୍ଦ୍ର' ପ୍ରତିଷ୍ଠା କଲା ୟୁ.ପି.ଏସ୍.ସି.

- ସମ୍ବଲପୁର, ଢେଙ୍କାନାଳ ଓ ଗଞ୍ଜାମ ଜିଲ୍ଲାର ଜାତୀୟ ରାଜପଥଗୁଡ଼ିକରେ ମହୁମାଛି କରିଡର ପାଇଁ ସରକାରଙ୍କ ନିଷ୍ପତ୍ତି

- ଚା'ର ଐତିହ୍ୟ, ସ୍ୱାସ୍ଥ୍ୟପ୍ରତି ରହିଥିବା ସୁଫଳ ଏବଂ ଆର୍ଥିକ ପ୍ରୋତ୍ସାହନ ଉପରେ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ ଚା' ଦିବସ

ଏବଂ

- ରାଜ୍ୟରେ ଗ୍ରୀଷ୍ମ ପ୍ରକୋପ ଜାରି; ପଶ୍ଚିମ ଓଡ଼ିଶା ଜିଲ୍ଲାଗୁଡ଼ିକରେ ଅନୁଭୂତ ହେଉଛି ଅସହ୍ୟ ଗରମ

Ganjam

## ୟୁପିଏସ୍‌ସି ପରୀକ୍ଷା

ସିଭିଲ୍ ସର୍ଭିସେସ୍ ପ୍ରିଲିମ୍ ପରୀକ୍ଷା– ୨୦୨୬ ନିମନ୍ତେ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଭିଡ଼ ହ୍ରାସ କରିବା ଲକ୍ଷ୍ୟରେ କେନ୍ଦ୍ରୀୟ ଲୋକସେବା ଆୟୋଗ– ୟୁ.ପି.ଏସ୍.ସି. ଭୁବନେଶ୍ୱର, କାନପୁର ଏବଂ ମିରଟଠାରେ ତିନୋଟି ନୂତନ ପରୀକ୍ଷା କେନ୍ଦ୍ର ସ୍ଥାପନ କରିଛି। ୟୁ.ପି.ଏସ୍.ସି. ସୂଚନା ଅନୁଯାୟୀ ପ୍ରାୟ ୨୩ ହଜାର ପରୀକ୍ଷାର୍ଥୀ ଏହି ନୂତନ କେନ୍ଦ୍ରଗୁଡ଼ିକ ପାଇଁ ଆବେଦନ କରିଛନ୍ତି। ସର୍ବଭାରତୀୟସ୍ତରରେ ପରୀକ୍ଷା କେନ୍ଦ୍ର ସଂଖ୍ୟା ୮୦ରୁ ୮୩କୁ ବୃଦ୍ଧି ପାଇଛି।

ୟୁ.ପି.ଏସ୍.ସି. ଅଧ୍ୟକ୍ଷ ଡକ୍ଟର ଅଜୟ କୁମାର କହିଛନ୍ତି, ପରୀକ୍ଷା ପ୍ରକ୍ରିୟାକୁ ଅଧିକ ପରୀକ୍ଷାର୍ଥୀ ଅନୁକୂଳ, ସୁଗମ ଏବଂ ଦକ୍ଷ କରିବା ଆୟୋଗଙ୍କ ମୁଖ୍ୟ ଉଦ୍ଦେଶ୍ୟ।

Desk

## ମହୁମାଛି କରିଡ଼ର

ପ୍ରଯୁକ୍ତିବିଦ୍ୟା ଓ ପରିବେଶ ସଂରକ୍ଷଣ ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୂପ ଭାରତର ଜାତୀୟ ରାଜପଥ ପ୍ରାଧିକରଣ– ଏନ୍.ଏଚ୍.ଏ.ଆଇ ପକ୍ଷରୁ ସମ୍ବଲପୁର, ଢେଙ୍କାନାଳ ଏବଂ ଗଞ୍ଜାମ ଜିଲ୍ଲା ମଧ୍ୟରେ ରାଜ୍ୟର ପ୍ରଥମ ମହୁମାଛି କରିଡ଼ର ବିକଶିତ କରାଯାଉଛି ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପରାଗ ସଂରକ୍ଷଣ, ଜୈବବିବିଧତା ବୃଦ୍ଧି, କୃଷି ଉତ୍ପାଦନଶୀଳତା, ମଜଭୁତ କରିବା ଏବଂ ସବୁଜ କରିଡ଼ର ଗଢ଼ିବା ପାଇଁ ଜାତୀୟ ରାଜପଥ-୫୩, ୫୫ ଏବଂ ୧୬କୁ ନେଇ ପ୍ରାୟ ୨୦ ହଜାର ଦେଶୀ ଫୁଲଗଛ ଲଗାଇବା ପାଇଁ ପଦକ୍ଷେପ ନିଆଯାଇଛି।

Jharsuguda

# ବସ୍‌ଷ୍ଟାଣ୍ଡ ଶିଳାନ୍ୟାସ

ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ସହରର ବିକାଶକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବ୍ରଜରାଜନଗରଠାରେ ଏକ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡର ଶିଳାନ୍ୟାସ କରିଛନ୍ତି। ପ୍ରାୟ ୪୦ କୋଟି ଟଙ୍କାରୁ ଅଧିକ ବ୍ୟୟ ଅଟକଳରେ ବ୍ରଜରାଜନଗର କଲେଜ ନିକଟରେ ଏହା ନିର୍ମାଣ ହେବ। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଲୋକଙ୍କ ଯୋଗାଯୋଗ ଓ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ସମସ୍ତ ପାଣ୍ଠି ଯୋଗାଇ ଦେବେ। ଏଥିସହିତ ୨୩ କୋଟି ଟଙ୍କା ବ୍ୟୟ ଅଟକଳରେ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ସହର ଓ ଗ୍ରାମାଞ୍ଚଳରେ ନିର୍ମିତ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ମଧ୍ୟ ମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି।

Desk

# ଡିଜିଏଚ୍‌ଏସ୍‌-ଇବୋଲା ଡିଜିଜ୍

ଇବୋଲା ପ୍ରଭାବିତ ଦେଶଗୁଡ଼ିକରୁ ଯାତାୟତ କରୁଥିବା ଯାତ୍ରୀଙ୍କ ପାଇଁ ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶାଳୟ ଏକ ପରାମର୍ଶବଳୀ ଜାରି କରିଛି । କଙ୍ଗୋ, ଉଗାଣ୍ଡା ଏବଂ ଦକ୍ଷିଣ ସୁଦାନ ଆଦି ଅତ୍ୟନ୍ତ ପ୍ରଭାବିତ ଅଞ୍ଚଳ ଗୁଡ଼ିକରୁ ଯାତାୟତ କରୁଥିବା ଯାତ୍ରୀଙ୍କ କ୍ଷେତ୍ରରେ ଏହାକୁ କଡାକଡି ପାଳନ ପାଇଁ କୁହାଯାଇଛି । ଜ୍ୱର, ମୁଣ୍ଡବିନ୍ଧା, ମାଂସପେଶୀ ଯନ୍ତ୍ରଣା, ରକ୍ତସ୍ରାବ କିମ୍ବା ବାନ୍ତି ପରି ଲକ୍ଷ୍ୟ ଅନୁଭବ କରୁଥିବା ଯାତ୍ରୀଙ୍କୁ ତୁରନ୍ତ ଡାକ୍ତରୀ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି । ସନ୍ଦିଗ୍ଧ କିମ୍ବା

ଇବୋଲା ରୋଗାକ୍ରାନ୍ତ ବ୍ୟକ୍ତିଙ୍କ ରକ୍ତ କିମ୍ବା ଶରୀରର ତରଳ ପଦାର୍ଥ ସହିତ ସିଧାସଳଖ ସଂସ୍ପର୍ଶରେ ଆସିଥିବା ଯାତ୍ରୀମାନଙ୍କୁ ବିଦେଶାଗତ ଅନୁମତି ମିଳିବା ପୂର୍ବରୁ ତୁରନ୍ତ ବିମାନବନ୍ଦର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ରିପୋର୍ଟ କରିବାକୁ କୁହାଯାଇଛି । ଫେରିବାର ୨୧ ଦିନ ମଧ୍ୟରେ ଏହିସବୁ ଲକ୍ଷଣ ଦେଖାଯାଉଥିବା ଯାତ୍ରୀଙ୍କୁ ତୁରନ୍ତ ଡାକ୍ତରସେବା ପ୍ରଦାନ କରିବାକୁ ଗୁରୁତ୍ୱ ଦିଆଯାଇଛି ।

Kendrapara

# ଆଇନଶୃଙ୍ଖଳା ବୈଠକ

କେନ୍ଦ୍ରାପଡ଼ା ଜିଲ୍ଲାରେ ଆଇନଶୃଙ୍ଖଳା ପରିଚାଳନା, ପ୍ରଶାସନିକ ସମନ୍ୱୟ ଏବଂ ଲୋକଙ୍କ ସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ ରଘୁରାମ ଆର୍.ଆୟାରଙ୍କ ଅଧ୍ୟକ୍ଷତାରେ ପୁଲିସ–ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମାମଲାଗୁଡ଼ିକର ଶୀଘ୍ର ସମାଧାନ, ବ୍ଲକସ୍ତରରେ ମିଳିତ ସମୀକ୍ଷା ବୈଠକ, ବେଆଇନ ଖଣିଜ ପଦାର୍ଥ ଚୋରି ବିରୋଧରେ ଚଢ଼ାଉ ଏବଂ ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ସୂଚାରୁରୂପେ ପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଇଛି। ସମ୍ବେଦନଶୀଳ ସ୍ଥାନରେ ସିସିଟିଭି ଲଗାଇବା, ଟ୍ରାଫିକ ପରିଚାଳନାର ସୁଧାର ଉପରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

Desk

# ଆପ୍‌ର ଶୁଭାରମ୍ଭ

ରାଜ୍ୟରେ ନାଗରିକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୁଲିସ ପକ୍ଷରୁ 'ୱି କେୟାର ସାଥୀ' ଆପ୍‌ର ଶୁଭାରମ୍ଭ କରାଯାଇଛି। ଜରୁରୀକାଳୀନ ସମୟରେ ଆପ୍‌ରେ ଥିବା ଏକ ନିର୍ଦ୍ଧିଷ୍ଟ ବଟନ ଦବାଇଲେ ତୁରନ୍ତ ସହାୟତା ମିଳିପାରିବ ବୋଲି କମିଶନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି । ପୂର୍ବରୁ ଥିବା ମୋ ସାଥୀ ଆପ୍‌କୁ ଅପ୍‌ଗ୍ରେଡ୍ କରାଯାଇ ନୂତନ ଆପ୍ ବିକଶିତ କରାଯାଇଛି ।

Desk

## ଇଣ୍ଟରନ୍ୟାସନାଲ ଟି ଡେ

ମାନବ ସମାଜରେ ଚା'ର ସାଂସ୍କୃତିକ ଐତିହ୍ୟ, ସ୍ୱାସ୍ଥ୍ୟପ୍ରତି ରହିଥିବା ସୁଫଳ ଏବଂ ଏ କ୍ଷେତ୍ରରେ ଆର୍ଥିକ ପ୍ରୋତ୍ସାହନ ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ଆଜି ବିଶ୍ୱବ୍ୟାପୀ ଅନ୍ତର୍ଜାତୀୟ ଚା' ଦିବସ ପାଳନ କରାଯାଉଛି । ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ଦ୍ୱାରା ଏହି ଦିବସ ପ୍ରତିବର୍ଷ ମେ' ମାସ ୨୧ ତାରିଖରେ ପାଳନ କରାଯାଇ ଆସୁଛି । ଚଳିତବର୍ଷର ବିଷୟବସ୍ତୁ ରହିଛି 'ଚା'ର ନିରନ୍ତରତା ବଜାୟ ରଖିବା ସହ ସମାଜକୁ ସମର୍ଥନ' । ଚାହା ଉତ୍ପାଦନ ଉପରେ ନିରନ୍ତରତା ବଜାୟ ରଖିବା ସହ କୃଷି କ୍ଷେତ୍ରରୁ ଚା' କପ୍ ପର୍ଯ୍ୟନ୍ତ ଏହାର ସଂସ୍କୃତି ଏବଂ ପରିବେଶଗତ ସୁଫଳ ପରବର୍ତ୍ତୀ ପୀଢ଼ିଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟକୁ ଏହି ପ୍ରସଙ୍ଗ ପ୍ରତିଫଳନ କରୁଛି ।

ଦେଶରେ ଚା' ଉତ୍ପାଦନ ଏବଂ ପ୍ରକ୍ରିୟାକରଣ କ୍ଷେତ୍ରରେ ସାମିଲ ହୋଇ ଲକ୍ଷଲକ୍ଷ ପରିବାର ଜୀବିକା ନିର୍ବାହ କରୁଛନ୍ତି । ଚା'ର ଉତ୍ପତ୍ତି ୫ହଜାର ବର୍ଷରୁ ଅଧିକ ପୁରାତନ । ଚା' କ୍ଷେତ ୧୩ ନିୟୁତ ଲୋକଙ୍କର

ଆୟର ଏକ ମୁଖ୍ୟ ଉତ୍ସ ପାଲଟିଛି । ଚା'ର ନିରନ୍ତର ଉତ୍ପାଦନ, ବ୍ୟବହାର ଏବଂ ବାଣିଜ୍ୟକୁ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି ।

Desk

# ଗଭ୍-କସମେଟିକ୍ସ

ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଉପଯୋଗ କରାଯାଉଥିବା ଇଞ୍ଜେକ୍ସନ ବ୍ୟବହାରକୁ ସରକାର ନିଷିଦ୍ଧ ଘୋଷଣା କରିଛନ୍ତି । ଏ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନ ସି.ଡି.ଏସ୍.ସି.ଓ କହିଛି ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବ୍ୟବହାର ହେଉଥିବା ସାମଗ୍ରୀର ଉତ୍ପାଦନ ଏବଂ ଆମଦାନୀ କସମେଟିକ୍ସ ନିୟମ ୨୦୨୦ ଅନୁଯାୟୀ କାର୍ଯ୍ୟକାରୀ ହୋଇଥାଏ । ମାନବ ଶରୀରରେ ଏହାକୁ କେତେକ ନିର୍ଦ୍ଦିଷ୍ଟ ଉପାୟରେ ବ୍ୟବହାର ପାଇଁ ଅନୁମତି ପ୍ରଦାନ କରାଯାଇଛି । ଶରୀରର ସୌଷ୍ଠବ ଗଠନ ପାଇଁ ବ୍ୟବହାର ହେଉଥିବା ଇଞ୍ଜେକ୍ସନ ଏ ସଂକ୍ରାନ୍ତ ଆଇନ୍ ଓ ନିୟମାବଳୀର ଉଲ୍ଲଙ୍ଘନ କରୁଛି ବୋଲି ସଂଗଠନ ସୂଚନା ପ୍ରଦାନ କରିଛି ।

Desk

# ଆଣ୍ଟି ଟେରିଜମ୍ ଡେ

ଆତଙ୍କବାଦୀ କାର୍ଯ୍ୟକଳାପର ଭୟାବହତା ଏବଂ ଏ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଆଜି ଦେଶରେ ଆତଙ୍କବାଦ ନିରୋଧୀ ଦିବସ ପାଳନ କରାଯାଉଛି । ଯୁବପିଢ଼ିଙ୍କୁ ଆତଙ୍କବାଦ ଏବଂ ହିଂସାଠାରୁ ଦୂରେଇ ରଖିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ସାମାଜିକ ସଦ୍‌ଭାବନାକୁ ପ୍ରୋତ୍ସାହିତ କରିବା ଓ ହିଂସା

ବିରୋଧରେ ଲଢ଼େଇରେ ପ୍ରାଣବଳୀ ଦେଇଥିବା ବ୍ୟକ୍ତିଙ୍କ ତ୍ୟାଗକୁ ମନେ ପକେଇବା ପାଇଁ ପ୍ରତିବର୍ଷ ମେ' ୨୧ ତାରିଖରେ ଜାତୀୟ ଆତଙ୍କବାଦ ନିରୋଧୀ ଦିବସ ପାଳନ କରାଯାଇଥାଏ। ୧୯୯୧ ମସିହାରେ ମେ' ମାସ ୨୧ ତାରିଖରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଆତଙ୍କବାଦୀ କାର୍ଯ୍ୟକଳାପର ଶିକାର ହୋଇଥିଲେ । ଆଜିର ଦିବସରେ ଦେଶବାସୀ ତାଙ୍କର ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱର୍ଗତଃ ରାଜୀବ ଗାନ୍ଧୀଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

Boudh

## ଓସ୍ୱାସ୍

ବୌଦ୍ଧ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଫାଇଲ ଓ ଡାକ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ, ସ୍ୱଚ୍ଛ ଓ ସୁବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟ କାର୍ଯ୍ୟ ସ୍ୱୟଂଚାଳନ ପ୍ରଣାଳୀ– ଓସ୍ୱାସ୍'ର ସଫଳ କାର୍ଯ୍ୟାନ୍ୱୟନ ନେଇ ଏକ ସମୀକ୍ଷା ବୈଠକ ଆଭାସୀ ମାଧମରେ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଜିଲ୍ଲାର ସମସ୍ତ ୭୯ଟି ସରକାରୀ କାର୍ଯ୍ୟାଳୟରେ ଓସ୍ୱାସ୍‌କୁ ବ୍ୟବସ୍ଥିତ କରାଯାଇଛି। ଏପ୍ରିଲ ପହିଲାରୁ ଗତ ସୋମବାର ପର୍ଯ୍ୟନ୍ତ ଫାଇଲ ଓ ଡାକ ପ୍ରକ୍ରିୟାକରଣର ସ୍ଥିତି, ବିଭିନ୍ନ ବିଭାଗରେ ଓସ୍ୱାସ୍ ବ୍ୟବହାର ଏବଂ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ସୂଚାରୁରୂପେ ଡିଜିଟାଲ ଶାସନ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇଥିବା ଜଣାପଡ଼ିଛି।

Gajapati

## ୟୁନିସେଫ୍ ଟିମ୍ ପରିଦର୍ଶନ

ୟୁନିସେଫ ପକ୍ଷରୁ ଏକ ରାଜ୍ୟସ୍ତରୀୟ ଦଳ ଗଜପତି ଜିଲ୍ଲା କାଶୀନଗରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛି। ୟୁନିସେଫର ଦଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛତା, ନିରାମୟ ଔଷଧ ବଣ୍ଟନ ପ୍ରକ୍ରିୟା, ରୋଗୀ ସେବା ବିଶେଷ କରି ମହିଳା ପ୍ରସବ ବ୍ୟବସ୍ଥା ଆଦି ବୁଲି ଦେଖିଥିଲେ।

BHK

## ବିଭିନ୍ନ ଯୋଜନା ବୈଠକ

ଭଦ୍ରକ ଜିଲ୍ଲା ବାସୁଦେବପୁର ବିଧାନସଭା ଉନ୍ନୟନ କମିଟି ଏସ୍.ଇ.ଡି.ସି. ବୈଠକ ବାସୁଦେବପୁର ବିଧାୟକ ତଥା ଏସ୍.ଇ.ଡି.ସି. ଅଧ୍ୟକ୍ଷ ଅଶୋକ ଦାସଙ୍କ ଅଧ୍ୟକ୍ଷତାରେ ବାସୁଦେବପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିକାଶମୂଳକ କାର୍ଯ୍ୟ, ସରକାରୀ ଯୋଜନାର ଅଗ୍ରଗତି, ବକେୟା ଥିବା କାର୍ଯ୍ୟଗୁଡ଼ିକୁ ଶୀଘ୍ର ଶେଷ କରିବାକୁ ବିଧାୟକ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## କେନ୍ଦୁପତ୍ର ସଂଗ୍ରହ

ନବରଙ୍ଗପୁର ଜିଲ୍ଲାରେ ଚଳିତବର୍ଷ କେନ୍ଦୁପତ୍ର ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇଛି । ଜିଲ୍ଲାରେ ୭୯ହଜାର ୨୮୫ଜଣ କେନ୍ଦୁପତ୍ର ତୋଳାଳି ଅଛନ୍ତି । ତୋଳାଳି କଲ୍ୟାଣପାଣ୍ଠିରୁ ଏଥିପାଇଁ ୯୧ଜଣଙ୍କୁ ୧କୋଟି ୭୯ଲକ୍ଷ ଟଙ୍କା ସହାୟତା ଦିଆଯାଇଥିବା ବନଖଣ୍ଡ ଅଧିକାରୀ କିରଣବଳା ସାମନ୍ତରାୟ ସୂଚନା ଦେଇଛନ୍ତି ।

Desk

# ରଗ୍‌ବୀ ପ୍ରଶିକ୍ଷଣ

ଭାରତ-ନ୍ୟୁଜିଲାଣ୍ଡ କ୍ରୀଡ଼ା ସମ୍ପର୍କର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଆଜିଠାରୁ ୨ଦିନ ଧରି ବିଶେଷଜ୍ଞ ରଗ୍‌ବୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏ ସମ୍ପର୍କରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବୀୟ କହିଛନ୍ତି ଭାରତ-ନ୍ୟୁଜିଲାଣ୍ଡ କ୍ରୀଡ଼ା ସହଯୋଗର ୧୦୦ ବର୍ଷ ପୂର୍ତ୍ତି ପାଳନ ସମୟରେ ଏହିଭଳି ସହଭାଗିତା ଗୁରୁତ୍ୱବହନ କରେ । ଏହାକୁ ସଫଳ କରିବା ପାଇଁ ଦୁଇଦେଶର ଉଦ୍ୟମକୁ ଶ୍ରୀ ମାଣ୍ଡବୀୟ ପ୍ରଶଂସା କରିଛନ୍ତି ।

Desk

# ପାଣିପାଗ

ରାଜ୍ୟରେ ଆସନ୍ତା ରବିବାର ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ପାଣିପାଗ ବିଭାଗର ସୂଚନା ଅନୁସାରେ, ପଶ୍ଚିମ ଓଡ଼ିଶା ଜିଲ୍ଲାଗୁଡ଼ିକରେ ଅସହ୍ୟ ଗରମ ଓ ଗୁଳୁଗୁଳି ଯୋଗୁଁ  ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ସମସ୍ତ ସତର୍କତାମୂଳକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ୨୨ଟି ସ୍ଥାନରେ ଗତକାଲି ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ଥିଲା। ଝାରସୁଗୁଡ଼ାରେ ସର୍ବାଧିକ ୪୬ ଡିଗ୍ରୀ ଏବଂ ସମ୍ବଲପୁର ଓ ହୀରାକୁଦରେ ୪୫ ଡିଗ୍ରୀରୁ ଅଧିକ ଥିଲା।